# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2 June– 2026**

# ମୁଖ୍ୟମନ୍ତ୍ରୀ–ଖଣିମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କ ସହ ଓଡ଼ିଶାର ଖଣିଜ କ୍ଷେତ୍ରର ବିକାଶ ସମ୍ପର୍କରେ ଆଲୋଚନା କରି କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୪୭୧ ମିଲିୟନ ଟନ୍ ଖଣିଜ ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏହି ଅବସରରେ ଓଡ଼ିଶାରେ ନିଲାମ ହୋଇଥିବା ଖଣିଜ ବ୍ଲକଗୁଡ଼ିକର ଜଙ୍ଗଲ ଓ ପରିବେଶ ମଂଜୁରୀ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ମାଝୀ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଖଣି କ୍ଷେତ୍ରର ସମସ୍ୟା ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ବିଭାଗ ସମେତ ସମସ୍ତ ସଂପୃକ୍ତ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦେଇଛନ୍ତି ।

# କୁଳପତି ସମ୍ମିଳନୀ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟକୁ ସେମାନଙ୍କ ଜମି ଓ ସମ୍ପତ୍ତିକୁ ଜବରଦଖଲରୁ ସୁରକ୍ଷିତ ରଖିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଛନ୍ତି।

ଭୁବନେଶ୍ୱରର ଲୋକସେବା ଭବନରେ ଆୟୋଜିତ କୁଳପତିମାନଙ୍କ ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ବିଶ୍ୱବିଦ୍ୟାଳୟ ଜମିର ସୁରକ୍ଷା ଉଚ୍ଚଶିକ୍ଷାର ଦୀର୍ଘକାଳୀନ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି। ଗବେଷଣା, ନବସୃଜନ, ଶିଳ୍ପ ସହଭାଗିତା, ଡିଜିଟାଲ୍ ରୂପାନ୍ତରଣ ଏବଂ ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ମାଧ୍ୟମରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

## ଲୋକମେଳା

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୁରୀରେ ୨୪ତମ ଲୋକମେଳା ଓ ୧୭ତମ ଜାତୀୟ କୃଷି ମେଳାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି, ଲୋକ ସଂସ୍କୃତି, ଆଦିବାସୀ ପରିଚୟ ଓ ଆଧୁନିକ କୃଷି ପ୍ରଯୁକ୍ତିର ସମନ୍ୱୟ ମାଧ୍ୟମରେ ଆତ୍ମନିର୍ଭର ଭାରତ ଗଠନରେ ଏହିଭଳି ଜାତୀୟ ମେଳା ଗୁରୁତ୍ୱ ବହନ କରେ । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଦେଶର ୨୫ଟି ରାଜ୍ୟର ପ୍ରାୟ ୭୦୦ କଳାକାର ଅଂଶଗ୍ରହଣ କରିଛନ୍ତି।

## ଦୁଗ୍ଧ ଉତ୍ପାଦନ

ବିଶ୍ୱ ଦୁଗ୍ଧ ଦିବସ ଅବସରରେ କଟକ ଜିଲ୍ଲାର ଅରିଲୋସ୍ଥିତ ଓମଫେଡ୍ ଡାଏରୀରେ ଆୟୋଜିତ କାର୍ଯ୍ୟକ୍ରମକୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ

ଶ୍ରୀ ମଲ୍ଲିକ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସରକାର 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' କାର୍ଯ୍ୟକାରୀ କରିବା ସହ ଗାଈ ଓ ମଇଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା କରିଥିବା କହିଛନ୍ତି ।

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ରାଜ୍ୟ କ୍ୟାବିନେଟ୍‌ର ବୈଠକ ଅନୁଷ୍ଠିତ ହେବ । ସନ୍ଧ୍ୟାରେ ହେବାକୁ ଥିବା ବୈଠକରେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦନ ହେବାର ସମ୍ଭାବନା ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ଭୋଟର ତାଲିକା

ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ବୁଥ୍ ସ୍ତରୀୟ ଅଧିକାରୀ ଓ ଅନ୍ୟ ନିର୍ବାଚନ କର୍ମଚାରୀମାନେ ଘରକୁ ଘର ବୁଲି ପରିଗଣନା କାର୍ଯ୍ୟ ଜାରି ରଖିଛନ୍ତି। ଗତକାଲି ସୁଦ୍ଧା ୨୫ ଲକ୍ଷ ୨୩ ହଜାର ୯୭୪ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ୪୫ ହଜାର ୨୫୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ନିଯୁକ୍ତ ୩୩ ହଜାର ୨୬ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ଭୋଟରମାନଙ୍କୁ ଫର୍ମ ପୂରଣ ଓ ଦାଖଲ କରିବାରେ ସହାୟତା କରୁଛନ୍ତି।

# ବିଶ୍ୱ ପରିବେଶ ଦିବସ ପାଳନ–ଜିଲ୍ଲାପାଳ

ବିଶ୍ୱ ପରିବେଶ ଦିବସ ଅବସରରେ ସମସ୍ତ ଜିଲ୍ଲାରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ଗ୍ରାମସଭାରେ ତୃଣମୂଳସ୍ତରରେ ସ୍ୱଚ୍ଛ ଭାରତ ଅଭିଯାନ ଆଭିମୁଖ୍ୟ ତଥା କାର୍ଯ୍ୟାନ୍ୱୟନ ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

# ଧାନ ସଂଗ୍ରହ

ନୂଆପଡ଼ା ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ତିନିଟି ନୂଆ ଧାନ ସଂଗ୍ରହ କେନ୍ଦ୍ର ଆରମ୍ଭ ହୋଇଛି । ଜିଲ୍ଲାରେ ମୋଟ ୧୩ଟି ଧାନ ସଂଗ୍ରହ କେନ୍ଦ୍ରରେ ଏପର୍ଯ୍ୟନ୍ତ ୩୯୪ ଜଣ ଚାଷୀଙ୍କଠାରୁ ୨୦ ହଜାର ୭୧୫ କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ କରାଯାଇଛି ।

# ସ୍ୱଚ୍ଛ ଭାରତ ଅଭିଯାନ

ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ମୁଦୁଲିପଡ଼ାସ୍ଥିତ ପବିତ୍ର ଧାର୍ମିକ ସ୍ଥଳ ସୀତାକୁଣ୍ଡରେ ୧୦୩ ବିଏସଏଫ ବାଟାଲିୟନ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ସଫେଇ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

## ଛତ୍ରପୁର ମହୋତ୍ସବ

ଗଞ୍ଜାମ ଜିଲ୍ଲାର ଛତ୍ରପୁରରେ ମା' ରାମାୟଣାମ୍ମା ଠାକୁରାଣୀ ଯାତ୍ରାରେ ଆୟୋଜିତ 'ଛତ୍ରପୁର ମହୋତ୍ସବ'କୁ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପଲ୍ଲିଶ୍ରୀ ମେଳା, ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, କୃଷି ଯନ୍ତ୍ରପାତି ମେଳା, ଖାଦ୍ୟ ମେଳା ଏବଂ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହୋଇଛି ।

---

## ମୁଖ୍ୟମନ୍ତ୍ରୀ-ଗ୍ରୀଷ୍ମ ପ୍ରକୋପ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଗ୍ରୀଷ୍ମର ପ୍ରକୋପରୁ ବଞ୍ଚିବା ପାଇଁ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ସାମୂହିକ ପ୍ରୟାସ ଓ ସଚେତନତା ମାଧ୍ୟମରେ ସମସ୍ତେ ସୁରକ୍ଷିତ ରହିପାରିବେ ।

---

## ତାପମାତ୍ରା

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଥିଲେ ମଧ୍ୟ ଗୁଳୁଗୁଳି ଜାରି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ୫ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଥିଲା । ଖୋର୍ଦ୍ଧା ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ ରହିଥିଲା ।

---